بِسۡمِ اللّٰہِ الرَّحۡمٰنِ الرَّحِیۡمِ

୧୮ ଅପ୍ରେଲ୍ ୨୦୨୫ ଖୁତ୍‌ବା ଜୁମାର ସାରାଂଶ
ସ୍ଥାନ – ମସଜିଦ୍ ମୁବାରକ୍, ଇସଲାମାବାଦ୍ ଟିଲ୍‌ଫୋର୍ଡ୍

# ୭ ଓ ୮ ହିଜ୍‌ରୀ ବର୍ଷରେ ଘଟିଥିବା କେତେକ ଯୁଦ୍ଧ ଓ ସରିୟାର ପ୍ରାସଙ୍ଗିକତାରେ ନବୀଶ୍ରେଷ୍ଠ ହଜରତ ମୁହମ୍ମଦ [ସ.ଅ]ଙ୍କ ପବିତ୍ର ଜୀବନୀର ବର୍ଣ୍ଣନା ।

ଅଶ୍‌ହଦୁ ଅଲ୍‌ଲା ଇଲାହା ଇଲ୍‌ଲ୍ଲାହୁ ୱହ୍‌ଦହୁ ଲାଶରିକା ଲହୁ ୱଅଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ୱରସୁଲୁହୁ ଅମ୍ମାବାଦ୍ ଫଉଜୁବିଲ୍ଲା ହିମିନଶ୍ ଶୈତା ନିର୍‌ରଜିମ୍ । ବିସ୍‌ମିଲ୍ଲା ହିର୍‌ରହେମା ନିର୍‌ରହିମ୍ । ଅଲ୍‌ହମ୍‌ଦୁ ଲିଲ୍ଲାହି ରବ୍ବିଲ୍ ଆଲମିନ୍ ଅର୍‌ରହମା ନିର୍‌ରହିମ୍ । ମାଲିକି ୟୋମିଦ୍‌ଦିନ୍ । ଇୟାକା ନାବୁଦୁ ୱ ଇୟାକା ନସ୍ତଈନ୍ । ଇହ୍‌ଦିନସ୍ ସିରାତଲ୍ ମୁସ୍ତକିମ୍ ସିରାତଲ୍ ଲଜିନା ଅନ୍‌ଅମ୍‌ତା ଅଲୈହିମ୍ ଗୈରିଲ୍ ମଗ୍‌ଯୁବି ଆଲୈହିମ୍ ୱଲଜ୍ୱାଲ୍‌ଲିନ୍ ।

ତଶହୁଦ୍, ତଉଜ୍ ଓ ସୁରାଃ ଫାତିହାର ଆବୃତ୍ତି କରିବା ପରେ ପ୍ରିୟ ହୁଜୁର ଅନୱ୍ୱର[ଅ.ବ] କହିଲେ; ନବୀଶ୍ରେଷ୍ଠ ହଜରତ ମୁହମ୍ମଦ [ସ.ଅ]ଙ୍କ ପବିତ୍ର ଜୀବନୀ ମାଧ୍ୟମରେ କେତେକ ଯୁଦ୍ଧ ଓ ସରିୟା (ଯେଉଁ ଯୁଦ୍ଧରେ ନବୀଶିରୋମଣୀ ସାମିଲ ହୋଇ ନଥିଲେ)ର ଚର୍ଚ୍ଚା କରିବି । ଇତିହାସ ପୃଷ୍ଠାରେ ଏକ ସରିୟା ହଜରତ ଉମର ବିନ୍ ଖତାବ୍ [ର.ଅ]ଙ୍କ ନେତୃତ୍ୱରେ ତର୍‌ବାଃ ଅଞ୍ଚଳରେ ସଙ୍ଘଟିତ ହୋଇଥିବାର ବର୍ଣ୍ଣନା ମିଳୁଅଛି । ସେହି ସରିୟା ଶାବାନ୍ ମାସ ୭ ହିଜ୍‌ରୀରେ ଘଟିଥିଲା । ହୁଜୁର[ସ.ଅ] ହଜରତ ଉମର ବିନ୍ ଖତାବ୍ [ର.ଅ]ଙ୍କୁ ୩୦ଜଣ ସଦସ୍ୟଙ୍କ ସାଥିରେ ହଓାଜିନ୍ କବିଲା ଅଭିମୁଖେ ତର୍‌ବାଃ ଅଞ୍ଚଳ ଆଡ଼କୁ ପ୍ରେରଣ କରିଥିଲେ । ଏହି ଦଳକୁ ପ୍ରେରଣ କରିବାର ଅସଲ ଅଭିପ୍ରାୟ ଏହା ଥିଲା ଯେ, ହୁଜୁର [ସ.ଅ]ଙ୍କୁ ସୂଚନା ମିଳିଥିଲା ତର୍‌ବାଃବାସୀ ଇସଲାମ ବିରୋଧରେ ଷଡ଼ଯନ୍ତ୍ର କରୁଛନ୍ତି । ବସ୍ତୁତଃ ଆଦେଶ ପାଳନ କରି ହଜରତ ଉମର[ର.ଅ] (ମଦିନାରୁ) ପ୍ରସ୍ଥାନ କଲେ କିନ୍ତୁ ଯେତେବେଳେ ତର୍‌ବାଃ ବାସୀଙ୍କୁ ମୁସଲମାନମାନଙ୍କ ଆଗମନର ଖବର ମିଳିଲା ସେତେବେଳେ ସେମାନେ ସେଠାରୁ ପଳାୟନ କଲେ । ହଜରତ ଉମର[ର.ଅ] ସେହି ସ୍ଥାନରେ ପହଞ୍ଚି ଦେଖିଲେ ସେଠାରେ କେହି ଜଣେ ହେଲେ ବ୍ୟକ୍ତି ମଧ୍ୟ ନାହାନ୍ତି, କିନ୍ତୁ ସେଠାରେ ସେମାନେ ନିଜର ସମସ୍ତ ଧନସମ୍ପତ୍ତି ଓ ଜୀବଯନ୍ତୁ ଛାଡ଼ି ଯାଇଛନ୍ତି । ଯେହେତୁ ସେମାନେ ଦୁର୍ଜନ ଓ କୁଟିଳ ପ୍ରବୃତ୍ତିର ଲୋକ ଥିଲେ, ତେଣୁ ହଜରତ ଉମର[ର.ଅ] ସେମାନଙ୍କର ସମସ୍ତ ଧନସମ୍ପତ୍ତି ଅଧିକୃତ କରି (ମଦିନା) ପ୍ରତ୍ୟାବର୍ତ୍ତନ କଲେ ।

ଆଉ ଏକ ସରିୟା ଫୁଦକ୍ ଅଞ୍ଚଳରେ ବାସ କରୁଥିବା ବନୁ ମୁର୍‌ରାଃ କବିଲା (ଗୋଷ୍ଠୀ) ସହିତ ହୋଇଥିଲା । ଏହି ସରିୟା ମଧ୍ୟ ଶାବାନ୍ ମାସ ୭ ହିଜ୍‌ରୀରେ ହଜରତ ବଶିର୍ ବିନ୍ ସାଦ [ର.ଅ]ଙ୍କ ନେତୃତ୍ୱରେ ସଙ୍ଘଟିତ ହୋଇଥିଲା । ଉକ୍ତ ସରିୟାର ବ୍ୟାଖ୍ୟା ଏପରି ଉଲ୍ଲେଖ ରହିଛି ଯେ, ନବୀଶ୍ରେଷ୍ଠ ହଜରତ ବଶିର୍ ବିନ୍ ସାଦ [ର.ଅ]ଙ୍କୁ ୩୦ଜଣ ସାହାବୀଙ୍କ ସାଥିରେ ଫୁଦକ୍ ବିନ୍ ବନୁ ମୁର୍‌ରାଃ ଅଭିମୁଖେ ପ୍ରେରଣ କଲେ । ଏହିସ୍ଥଳେ ଏହା ସ୍ପଷ୍ଟ ରହିଥାଉ ଯେ, ପୁଣ୍ୟଶ୍ଳୋକ ଏହି ଅଭିଯାନ ଅଥବା ସରିୟା ନିମନ୍ତେ ସାହାବାଙ୍କୁ ସେତେବେଳେ ପ୍ରେରଣ କରୁଥିଲେ ଯେତେବେଳେଜ ଏହି ସୂଚନା ମିଳୁଥିଲା ଯେ, ଇସଲାମର ଶତ୍ରୁମାନେ ମୁସଲମାନମାନଙ୍କ ବିରୁଦ୍ଧରେ ଷଡ଼ଯନ୍ତ୍ର କରୁଛନ୍ତି । ସେ ଜାହା ହେଉ ସାହାବା (ମଦିନା)ରୁ ପ୍ରସ୍ଥାନ କଲେ ଏବଂ ମାର୍ଗରେ ଛେଳି ଚରାଳୀମାନଙ୍କୁ ଭେଟିଲେ, ତାଙ୍କୁ ବନୁ ମୁର୍‌ରାଃ ସଂକ୍ରାନ୍ତରେ ପଚାରିବାରୁ ସେମାନେ କହିଲେ; ବନୁ ମୁର୍‌ରାଃ (ଗୋଷ୍ଠୀ) ନିଜ ଅଞ୍ଚଳରେ ବସବାସ କରୁଛନ୍ତି, ସେମାନେ ନିର୍ଝର ନିକଟକୁ ଆସି ନାହାନ୍ତି । ସାହାବା ସେମାନଙ୍କ ଛେଳିମେଣ୍ଢା ତଡ଼ି ମଦିନା ଫେରି ଆସିଲେ । ବନୁ ମୁର୍‌ରାଃର ଆହ୍ୱାନକାରୀ ଚିତ୍କାର କରି ଏହାର ସୂଚନା ସେମାନଙ୍କୁ ଦେବାରୁ ସେମାନେ ଏକ ବିଶାଳ ସେନାବାହିନୀ ସାଥିରେ ନେଇ ମୁସଲମାନମାନଙ୍କ ଉପରେ ଆକ୍ରମଣ କରିଦେଲେ । ଫଳତଃ ସାରା ରାତି ମୁସଲମାନମାନେ ଶତ୍ରୁ ଉପରେ ତୀର ଚାଳନା କଲେ, ଏପରିକି ସାହାବାଙ୍କ ତୀର ଶେଷ ହୋଇଗଲା । ଯେତେବେଳେ ସକାଳ ହେଲା ବନୁ ମୁର୍‌ରାଃ ମୁସଲମାନମାନଙ୍କ ଉପରେ ପୁନର୍ବାର ଆକ୍ରମଣ କରିଦେଲେ ଏବଂ ହଜରତ ବଶିର୍ [ର.ଅ]ଙ୍କ ସାଥୀମାନଙ୍କୁ ଶହିଦ୍ କରିଦେଲେ । କିନ୍ତୁ ହଜରତ ବଶିର୍ ସେମାନଙ୍କ ସହିତ ଘମାଘୋଟ ଯୁଦ୍ଧ ଅବ୍ୟାହତ ରଖିଲେ, ଏପରିକି ସେ କ୍ଷତାକ୍ତ ହୋଇ ଭୂମିରେ ପଡିଗଲେ । ତାଙ୍କ ଗୋଇଠିରେ ଆଘାତ ଲାଗିଥିଲା ଏବଂ

ଲୋକମାନେ ମନେକଲେ ଯେ ସେ ମୃତ୍ୟୁବରଣ କରିଛନ୍ତି, କିନ୍ତୁ ସେ ଜୀବିତ ଥିଲେ । ସେଥିଅନ୍ତେ ବନୁ ମୁର୍‌ରାଃ କବିଲା ନିଜ ଛେଳିମେଣ୍ଢା ନେଇ ଫେରିଗଲେ ।

ପୁନଶ୍ଚ ଏକ ସରିୟା ହଜରତ ଗାଲିବ୍ ବିନ୍ ଅବ୍ଦୁଲ୍ଲାଃ ଲେସିର.ଅ ମେଫା (ଅଞ୍ଚଳ) ଅଭିମୁଖେ ଯାଇ ଲଢି ଥିବାର ବର୍ଣ୍ଣନା ମିଳୁଅଛି । ଏହି ସରିୟା ରମଜାନ ମାସ ୭ ହିଜ୍‌ରୀରେ ଘଟିଥିଲା । ଇବ୍‌ନେ ସାଦ୍ ବର୍ଣ୍ଣନା କରନ୍ତି, ମହାଭାଗ ହଜରତ ଗାଲିବ୍ ର.ଅଙ୍କୁ ବନୁ ଅଓାଲ୍ ଓ ବନୁ ଅବ୍ଦ ବିନ୍ ସାଲ୍‌ବାଃ ଅଭିମୁଖେ ପ୍ରେରଣ କରିଥିଲେ । ଯେ କି ମେଫା ସ୍ଥଳେ ରହୁଥିଲେ, ସେମାନେ ମୁସଲମାନମାନଙ୍କ ବିରୁଦ୍ଧରେ ଅପପ୍ରଚାର ଓ ନକାରାତ୍ମକ କଥା ପରିବ୍ୟାପ୍ତ କରି ଲୋକମାନଙ୍କୁ ଏକତ୍ରୀତ କରିବା ଆରମ୍ଭ କରିଦେଇଥିଲେ । ଯଦ୍ୱାରା ଆରବର ଗୋଷ୍ଠୀ ସମୂହ ପରି ଆଉ ଏକ (ଦଳ) ମୁଣ୍ଡ ଟେକିବ । ସୁତରାଂ ହୁଜୁରସ.ଅ ହଜରତ ଗାଲିବ୍ ର.ଅଙ୍କୁ ୧୩୦ଗଣ ସାହାବାଙ୍କ ସାଥିରେ ପ୍ରେରଣ କଲେ । ହୁଜୁର ସ.ଅଙ୍କର ସ୍ୱାଧୀନ ପ୍ରାପ୍ତ ଦାସ ହଜରତ ୟସାର୍ର.ଅ ଏହି ଅଭିଯାନରେ ସେମାନଙ୍କ ମାର୍ଗଦର୍ଶକ ଥିଲେ । ମୁସଲମାନମାନେ ଏକତ୍ରୀତ ଭାବରେ ଶତ୍ରୁ ଉପରେ ଆକ୍ରମଣ କଲେ, ଏପରିକି ସେମାନଙ୍କ ବସବାସ ସ୍ଥାନରେ ଯାଇ ପହଞ୍ଚି ଗଲେ । ସେମାନଙ୍କ ମଧ୍ୟରୁ ଯେ କେହି ମୁସଲମାନମାନଙ୍କ ମୁକାବିଲା କରିବାକୁ ଆସିଲା, ସେ ନିହତ ହେଲା । ଶେଷରେ ସାହାବାମାନେ ସେମାନଙ୍କ ଧନସମ୍ପତ୍ତି ଓ ଛେଳିମେଣ୍ଢା ଧରି ମଦିନା ଫେରି ଆସିଲେ ଏବଂ କାହାରିକୁ କଏଦ କଲେ ନାହିଁ । ଇବ୍‌ନେ ସାଦ୍ ଉଲ୍ଲେଖ କରିଛନ୍ତି, ଏହା ସେହି ସରିୟା ଯେଉଁଥିରେ ହଜରତ ଉସାମା ବିନ୍ ଜୈଦ୍ର.ଅ ମିରଦାସ୍ ବିନ୍ ନହିକ୍‌କୁ ବଧ କରିଥିଲେ । ଯେ କି ଲାଇଲାହା ଇଲ୍‌ଲ୍ଲାଃ ପାଠ କରିଥିଲା । ବୁଖାରୀରେ ଏହି ଘଟଣାର ବିସ୍ତୃତ ବ୍ୟାଖ୍ୟା ଏପରି ଉଲ୍ଲେଖ ରହିଛି ଯେ, ହଜରତ ଉସାମାର.ଅ ସ୍ୱୟଂ ବର୍ଣ୍ଣନା କରନ୍ତି, ଯେତେବେଳେ ହୁଜୁର ସ.ଅଙ୍କୁ ଏହି ଘଟଣାର ସୂଚନା ମିଳିଲା ସେତେବେଳେ ମହାଭାଗ କହିଲେ; ହେ ଉସାମା ! କ'ଣ ତୁମେ ତାହାକୁ ହତ୍ୟା କରିଦେଲ ଯେତେବେଳେ କି ସେ ଲାଇଲାହା ଇଲ୍‌ଲ୍ଲାଃ କହିଥିଲା । ମୁଁ ଉତ୍ତର ଦେଲି ହୁଜୁର ସେ ନିଜ ପ୍ରତିରକ୍ଷା କରିବା ସକାଶେ ଏପରି ଉକ୍ତି ଉଚ୍ଚାରଣ କରିଥିଲା । କିନ୍ତୁ ପୁଣ୍ୟଶ୍ଳୋକ ବାରମ୍ବାର ସେହି କଥା କହୁଥିଲେ । ଏପରିକି ମୁଁ ଅଭିଳାଷ କଲି ଯେ, **ମୁଁ ସେହିଦିନ ପୂର୍ବରୁ ମୁସଲମାନ ହିଁ ହୋଇ ନଥାନ୍ତି କି !** ମୁସ୍‌ଲିମ୍ (ହଦିସ୍)ରେ ଏହି ଘଟଣାଟି ଏପରି ଉଲ୍ଲେଖ ରହିଛି ଯେ, ତୁମେ କାହିଁକି ତା'ର ବକ୍ଷ ଫାଡି ଦେଲ ନାହିଁ, ଯଦ୍ୱାରା ଜାଣି ନେଇଥାନ୍ତ ଯେ ସେ ଏହି ସାକ୍ଷ୍ୟ ସ୍ୱହୃଦୟରୁ ଦେଇଥିଲା କି ନାହିଁ ।

ମହାମହିମ ହୁଜୁର ଅନଓ୍ୱରଅ.ବ କହିଲେ; **କିନ୍ତୁ ଆଜିକାଲିର ମୌଲବୀ ଏହା ମଣୁଛନ୍ତି ଯେ, ସେମାନେ ଅହେମଦିମାନଙ୍କ ବକ୍ଷ ଫାଡ଼ି ଦେଖି ନେଇଛନ୍ତି ।** ତେଣୁ ଅହେମଦିମାନଙ୍କୁ ଶହିଦ୍ କରିବା ଓ ସେମାନଙ୍କ ଉପରେ ଅତ୍ୟାଚାର କରିବା ବୈଧ । ଅଲ୍ଲାଃତାଲା ସେମାନଙ୍କ ଧରପଗଡ କରନ୍ତୁ । ଗୋଟିଏ ବର୍ଣ୍ଣନାରେ ଉଲ୍ଲେଖ ରହିଛି, ହୁଜୁରସ.ଅ ମିରଦାସ୍‌ଙ୍କ ପରିବାରବର୍ଗଙ୍କୁ ଦିୟତ୍ (ଜୋରିମନା) ପ୍ରଦାନ କରିବାର ଆଦେଶ ଦେଲେ ଏବଂ ମିରଦାସ୍‌ଙ୍କ ଧନ ତାହାର ପରିଜନଙ୍କୁ ଫେରାଇ ଦେଲେ । ହଜରତ ମୁସଲେହ୍ ମଉଦର.ଅ ଏହି ଘଟଣାର ଚର୍ଚ୍ଚା ଏପରି ବର୍ଣ୍ଣନା କରିଛନ୍ତି ଯେ, ଯେତେବେଳେ ମହାଭାଗଙ୍କୁ ଏହି ଘଟଣା ସଂକ୍ରାନ୍ତରେ ସୂଚିତ କରିବା ସକାଶେ ଜଣେ ଗାଉଁଲି ବ୍ୟକ୍ତି ମଦିନା ଆସି ପହଞ୍ଚିଲା ସେତେବେଳେ ସେ ଯୁଦ୍ଧର ସମସ୍ତ ଘଟଣା ବର୍ଣ୍ଣନା କରି ଏକଥା ମଧ୍ୟ କହିଦେଲା । ବସ୍ତୁତଃ ମହାଭାଗ ଉସାମାଙ୍କୁ ଡ଼କାଇଲେ ଏବଂ ପଚାରିଲେ କ'ଣ ତୁମେ ସେହି ବ୍ୟକ୍ତିକୁ ହତ୍ୟା କରିଦେଲ ? ସେ ଉତ୍ତର ଦେଲେ ଆଜ୍ଞା ହଁ ! ଏଥିରେ ହୁଜୁରସ.ଅ କହିଲେ; **ପ୍ରଳୟ ଦିବସରେ ତୁମେ କ'ଣ କରିବ ଯେତେବେଳେ ଲାଇଲାହା ଇଲ୍‌ଲ୍ଲାଃ ତୁମ ବିରୁଦ୍ଧରେ ସାକ୍ଷ୍ୟ ଦେବ ।** ପ୍ରିୟ ହୁଜୁର ଅନଓ୍ୱରଅ.ବ କହିଲେ; ଯେପରିକି ମୁଁ କହିଲି ଏହି ମୌଲବୀ ଓ ସେମାନଙ୍କ ଚେଲାମାନେ ଯେ କି ପାକିସ୍ତାନରେ ରହିଛନ୍ତି (ସେମାନେ ଏପରି ବିଭର୍ଷ କାଣ୍ଡ) କରି ଅର୍ଥାତ୍ ଅହେମଦିମାନଙ୍କୁ ନିର୍ମମ ଭାବରେ ହତ୍ୟା କରି ଜନ୍ନତ ପ୍ରାପ୍ତ କରିବାର (ଲୋକମାନଙ୍କୁ) ପ୍ରବର୍ତାଉଛନ୍ତି । କିନ୍ତୁ ସେମାନଙ୍କୁ ଜଣା ନାହିଁ ଯେ, ଏହି କାର୍ଯ୍ୟ ସେମାନଙ୍କୁ ଅଲ୍ଲାଃତାଲାଙ୍କ କୋପର ଅଧିକାରୀ କରୁଅଛି । କେବେ ନା କେବେ ତ ସେମାନେ ଐଶ୍ୱୀ ଶାସ୍ତିରେ କବଳିତ ହେବେ ।

ପୁନଶ୍ଚ ଆଉ ଏକ ସରିୟା ହଜରତ ବଶିର୍ ବିନ୍ ସାଦ୍ର.ଅ ୟମନ୍ ଓ ଜବାର୍ ଅଭିମୁଖେ ହୋଇଥିବାର, ବର୍ଣ୍ଣନା ମିଳୁଛି । ଏହି ସରିୟା ମଧ୍ୟ ଶଓାଲ୍ ମାସ ୭ ହିଜ୍‌ରୀରେ ଘଟିଥିଲା । ହୁଜୁର ସ.ଅଙ୍କୁ ସୂଚନା ମିଳିଲା ଯେ, ଗତଫାନ୍ (ଗୋଷ୍ଠୀର) ଏକ ଦଳ ପୁଣ୍ୟଶ୍ଳୋକଙ୍କ ବିରୁଦ୍ଧରେ ଏକତ୍ରୀତ ହେଉଛନ୍ତି ଏବଂ ଉୟୀନା ବିନ୍ ହିସନ୍ ପୁଣ୍ୟଶ୍ଳୋକଙ୍କ ବିରୁଦ୍ଧରେ ସେମାନଙ୍କ

ସହଯୋଗ କରିବାର ପ୍ରତିଶ୍ରୁତି ଦେଇଛି । ହୁଜୁର[ସ.ଅ] ହଜରତ ଅବୁବକର[ର.ଅ] ଓ ହଜରତ ଉମର [ର.ଅ]ଙ୍କ ପରାମର୍ଶକ୍ରମେ ହଜରତ ବଶିର୍ ବିନ୍ ସାଦ୍ [ର.ଅ]ଙ୍କ ସହିତ ୩୦୦ସାହାବାଙ୍କୁ ଏହି ଅଭିଯାନରେ ପ୍ରେରଣ କଲେ । ଯେତେବେଳେ ସେମାନେ ଜବ୍‌ବା ସ୍ଥାନରେ ପହଞ୍ଚିଲେ ସେତେବେଳେ ଗତଫାନୀ ଲୋକମାନେ ଏହି ଖବର ପାଇ ନିଜ ଧନସମ୍ପତ୍ତି ଓ ଜୀବଯନ୍ତୁ ଛାଡ଼ି ନିଜ ବସ୍ତିର ଉଚ୍ଚ ସ୍ଥାନକୁ ପଳାୟନ କଲେ । ସେମାନଙ୍କ ମଧ୍ୟରୁ ମାତ୍ର ଦୁଇଜଣ ବ୍ୟକ୍ତି ମୁସଲମାନମାନଙ୍କ ହାତରେ ଧରା ପଡିଲେ, ଯାହାଙ୍କୁ କଏଦ କରିନିଆଗଲା । ସାହାବା ସମସ୍ତ ଛେଳିମେଣ୍ଢା ଓ ଓଟଗୁଡ଼ିକୁ ଅଧିକାର କରିନେଲେ ଏବଂ କଏଦୀ ସମେତ ସେ ସମସ୍ତ ଜୀବକୁ ସାଥିରେ ନେଇ ମଦିନା ଫେରି ଆସିଲେ । **ମଦିନାରେ ସେହି ଦୁଇ କଏଦୀ ଇସଲାମ ଧର୍ମରେ ଦୀକ୍ଷିତ ହେବାରୁ ମହାଭାଗ ସେମାନଙ୍କୁ ନିଜ ଅଞ୍ଚଳକୁ ଚାଲି ଯିବାକୁ ଅନୁମତି ପ୍ରଦାନ କରିଦେଲେ ।**

ଉମ୍‌ରାତୁଲ୍ କଜା ପ୍ରସଙ୍ଗରେ ବ୍ୟାଖ୍ୟା ଏପରି ବର୍ଣ୍ଣିତ ରହିଛି । ହୁଜୁର[ସ.ଅ] ଜୁଲ୍ କାଆଦାଃ ୭ ହିଜ୍‌ରୀ ଅର୍ଥାତ୍ ୬୨୯ଖ୍ରୀଷ୍ଟାବ୍ଦରେ ଉମ୍‌ରାତୁଲ୍ କଜା ନିମନ୍ତେ ପ୍ରସ୍ଥାନ କରିଥିଲେ । ଏହା ସେହି ମାସ ଥିଲା ଯେଉଁ ମାସରେ ତହିଁ ପୂର୍ବ ବର୍ଷ ମକ୍କାର ଅମାନ୍ୟକାରୀଗଣ ମହାଭାଗଙ୍କୁ ଉମ୍‌ରାଃ କରିବାକୁ ଦେଇ ନଥିଲେ ଏବଂ ହୁଦେବିୟା ସ୍ଥଳୁ ହୁଜୁର[ସ.ଅ] (ମଦିନା) ଫେରି ଆସିଥିଲେ । ସୁତରାଂ ଏବେ ସେହି ଉମରାଃର କଜା କରିବାକୁ ପୁଣ୍ୟଶ୍ଳୋକ ବାହାରି ଥିଲେ । ଏହାର ବିସ୍ତୃତ ବ୍ୟାଖ୍ୟା ଏପରି ଉଲ୍ଲେଖ ରହିଛି ଯେ, ଏହି ଉମରାଃରେ ହୁଜୁର [ସ.ଅ]ଙ୍କ ସହିତ ୨୦୦୦ସାହାବା ରହିଥିଲେ । ଏଥି ସହିତ ବଳି ଦେବା ପାଇଁ ମହାଭାଗ ୬୦ଟି ଓଟ ସାଥିରେ ନେଇଯାଇଥିଲେ । ପୁଣ୍ୟଶ୍ଳୋକ ସାହାବାଙ୍କ ସହିତ ତଲବିୟା (ଶ୍ରୁତି) ଆବୃତ୍ତି କରି ପବିତ୍ର ପୀଠସ୍ଥଳୀରେ ପଦାର୍ପଣ କଲେ ଏବଂ ବଳି ଦେବା ପାଇଁ ସାଥିରେ ଆଣିଥିବା ଜୀବଗୁଡ଼ିକୁ ଜିତ୍‌ୱା ଆଡ଼କୁ ପ୍ରେରଣ କରିଦେଲେ । ସେତେବେଳେ ପୁଣ୍ୟଶ୍ଳୋକ ନିଜ ବାହାନ କୁସୱା ଉପରେ ଆରୋହଣ କରିଥିଲେ । ହୁଜୁର[ସ.ଅ] ମସଜିଦ୍ ହରାମ୍‌ରେ ପହଞ୍ଚି ଇଜ୍‌ତବା କରିନେଲେ ଅର୍ଥାତ୍ ନିଜ ଶରୀରକୁ ଚଦରରେ ଏପରି ଘୋଡ଼ାଇ ନେଲେ ଯେ ମହାଭାଗଙ୍କ ଦକ୍ଷିଣ ପାର୍ଶ୍ୱ କାନ୍ଧ ଓ ହସ୍ତ ମୁକୁଳା ରହିଥିଲା । ସେଥିଅନ୍ତେ ପବିତ୍ର ଅବତାର ହୁଜୁର[ସ.ଅ] କହିଲେ; ଈଶ୍ୱର ତାହା ଉପରେ ଦୟାବତୀର୍ଣ୍ଣ କରନ୍ତୁ ଯେ ଏହି ଅମାନ୍ୟକାରୀଙ୍କ ସମ୍ମୁଖରେ ନିଜ ବୀରତାର ପ୍ରଦର୍ଶନ କରିବ । ତା'ପରେ ହୁଜୁର[ସ.ଅ] ନିଜ ଅନୁଚରଙ୍କ ସାଥିରେ ତଓାଫ୍ (ପରିକ୍ରମା)ର ପ୍ରଥମ ତିନି ତଓାଫ୍ କାନ୍ଧକୁ ହଲାଇ ହଲାଇ ଫୁଟାଣିଆ ଠାଣିରେ ଚାଲିଚାଲି ସମ୍ପନ୍ନ କଲେ ।

ଏହି ଅବସରରେ ହଜରତ ମୈମୁନା ବିନ୍‌ତେ ହାରିସ୍ [ର.ଅ]ଙ୍କ ବିବାହ ହେଇଥିବାର ମଧ୍ୟ ବର୍ଣ୍ଣନା ମିଳୁଅଛି । ସେତେବେଳେ ହୁଜୁର[ସ.ଅ] ମକ୍କାରେ ତିନିଦିନ ଅବସ୍ଥାନ କରିଥିଲେ । ଚତୁର୍ଥ ଦିନ ମକ୍କାବାସୀଙ୍କ ନିବେଦନକ୍ରମେ ପୁଣ୍ୟଶ୍ଳୋକ ନିଜ ସହଚରମାନଙ୍କ ସହିତ (ମଦିନା) ଅଭିମୁଖେ ପ୍ରସ୍ଥାନ କରିଥିଲେ । ଏହି ଅବସରରେ ହଜରତ ହମ୍‌ଜା [ର.ଅ]ଙ୍କ କନ୍ୟାଙ୍କର ମାମଲା ମଧ୍ୟ ବର୍ଣ୍ଣିତ ରହିଛି । ଯେତେବେଳେ ହୁଜୁର[ସ.ଅ] ମକ୍କାରୁ ପ୍ରସ୍ଥାନ କରିବାକୁ ଲାଗିଲେ ସେତେବେଳେ ହଜରତ ହମ୍‌ଜା [ର.ଅ]ଙ୍କ କନ୍ୟା ପଛରୁ ଡ଼ାକ ଛାଡ଼ିଲେ ହେ ମୋର ଚଚା ! ହେ ମୋର ଚଚା ! ଏଥିରେ ହଜରତ ଅଲୀ[ର.ଅ] ତାଙ୍କ ହାତ ଧରିନେଲେ ଏବଂ ହଜରତ ଫାତିମାଙ୍କୁ କହିଲେ; ନିଜ ଚଚାଙ୍କ କନ୍ୟାଙ୍କୁ ସାଥିରେ ନେଇଚାଲ । ଅତଏବ ସେ ତାଙ୍କୁ ନିଜ ବାହାନରେ ସ୍ଥାନ ଦେଲେ । ଆଉ ତାଙ୍କ ବାବଦରେ ହଜରତ ଅଲୀ[ର.ଅ], ହଜରତ ଜୈଦ୍[ର.ଅ] ଓ ହଜରତ ଜାଫର୍[ର.ଅ] କଳହ କରିବାରୁ ହୁଜୁର[ସ.ଅ] କହିଲେ; ସେ ତୁମର ଖାଲା (ମାଉସି) ଏବଂ ଖାଲା ତୁମ ଜନନୀ ତୁଲ୍ୟ । ଏଥିରେ ହଜରତ ଅଲୀ[ର.ଅ] କହିଲେ, ତେବେ କ'ଣ ଆପଣ ହଜରତ ହମ୍‌ଜା [ର.ଅ]ଙ୍କ କନ୍ୟାଙ୍କ ସହିତ ବିବାହ କରିବେ ନାହିଁ ? ଏଥି ଉତ୍ତାରୁ ମହାଭାଗ କହିଲେ; ସେ ମୋ ରଜାଇ ଭାଇ (ଅର୍ଥାତ୍ ଜଣେ ମହିଳା ଠାରୁ କ୍ଷୀର ପାନ କରିଥିବା ଦୁଇବ୍ୟକ୍ତି)ର କନ୍ୟା । ଏହି ସମ୍ପର୍କ ଯୋଗୁଁ ତାଙ୍କ ସହିତ ମୋର ବିବାହ ହୋଇପାରିବ ନାହିଁ । ନବୀଶ୍ରେଷ୍ଠ ଜିଲ୍ ହଜ୍‌ଜା ମାସରେ ମଦିନା ପ୍ରତ୍ୟାବର୍ତ୍ତନ କରି ଆସିଥିଲେ ।

ଆଉ ଏକ ସରିୟା ଅଖରମ୍ ବିନ୍ ଅବି ଅଔଜା ଯାହାକି ବନୁ ସୁଲେମ୍ ଅଭିମୁଖେ ହୋଇଥିଲା । ଏହି ସରିୟା ଜିଲ୍ ହଜ୍‌ଜା ମାସ ୭ ହିଜ୍‌ରୀରେ ହୋଇଥିଲା । ହୁଜୁର[ସ.ଅ] ହଜରତ ଅଖରମ୍ [ର.ଅ]ଙ୍କୁ ୫୦ଜଣ ବ୍ୟକ୍ତିଙ୍କ ସହିତ ବନୁ ସୁଲେମ୍ ଅଭିମୁଖେ ପ୍ରେରଣ କରିଥିଲେ । ଯେଉଁମାନେ ମଦିନା ନିକଟରେ ବସବାସ କରୁଥିଲେ । ବନୁ ସୁଲେମ୍‌ର ଜଣେ ଗୁପ୍ତଚର ଅଖରମ୍ [ର.ଅ]ଙ୍କ ସହିତ ଥିଲା । ସେ ଆଗରେ ଯାଇ ନିଜ କବିଲାକୁ ସତର୍କ କରିଦେଲା । ସୁତରାଂ ସେମାନେ ଏକ ବଡ ସେନାବାହିନୀ ଏକତ୍ରୀତ କରିନେଲେ । ଯେତେବେଳେ ହଜରତ ଅଖରମ୍ ସେମାନଙ୍କ ନିକଟରେ ପହଞ୍ଚିଲେ ସେତେବେଳେ ସେମାନେ ମୁସଲମାନମାନଙ୍କ ମୁକାବିଲା କରିବା ପାଇଁ ପ୍ରସ୍ତୁତ ରହିଥିଲେ । ହଜରତ ଅଖରମ୍ ସେମାନଙ୍କୁ ଇସଲାମ୍ ପ୍ରତି ଡ଼ାକରା ଦେଲେ କିନ୍ତୁ ସେମାନେ ଏହି ପ୍ରସ୍ତାବକୁ ପ୍ରତ୍ୟାଖ୍ୟାନ କରିଦେଲେ । ସେଥିଅନ୍ତେ କିଛି ସମୟ ପର୍ଯ୍ୟନ୍ତ ଉଭୟ ପକ୍ଷ

ପରସ୍ପରକୁ ତୀର ନିକ୍ଷେପ କଲେ । ଇତି ମଧ୍ୟରେ ବନୁ ସୁଲେମ୍ ନିକଟକୁ ଅତିରିକ୍ତ ସାହାଯ୍ୟ ଆସି ପହଞ୍ଚି ଗଲା । ବସ୍ତୁତଃ ସେମାନେ ଚର୍ତୁପାର୍ଶ୍ୱରୁ ମୁସଲମାନମାନଙ୍କୁ ଘେରିନେଲେ । ତଥାପି ମୁସଲମାନମାନେ ବେଶ ସାହସିକତାର ସହିତ ଶତ୍ରୁର ମୁକାବିଲା କଲେ ଏପରିକି ସେମାନଙ୍କ ମଧ୍ୟରୁ ଅଧିକାଂଶ ସାହାବି ବୀରଗତି ପ୍ରାପ୍ତ କଲେ । ହଜରତ ଅଖରମ୍ [ର.ଅ] ମଧ୍ୟ ଭୀଷଣ ଭାବରେ ଆଘାତ ହୋଇ ଭୂମିରେ ପଡିଗଲେ । କିନ୍ତୁ ଶେଷରେ ୧ସଫର୍ ୮ହିଜ୍‌ରୀ ଦିନ ହୁଜୁର [ସ.ଅ]ଙ୍କ ନିକଟରେ ଆସି ପହଞ୍ଚିଗଲେ ।

ଏହିପରି ଆଉ ଏକ ସରିୟା ହଜରତ ଗାଲିବ୍ ବିନ୍ ଅବ୍ଦୁଲ୍ଲାଃ ଲେସି[ର.ଅ] କଦିଦ୍ (ଅଞ୍ଚଳ) ଅଭିମୁଖେ କରିଥିବାର ବର୍ଣ୍ଣନା ମିଳୁଅଛି । ହୁଜୁର[ସ.ଅ] ତାଙ୍କୁ ସଫର୍ ମାସ ୮ହିଜ୍‌ରୀରେ ବନୁ ଲେସ୍‌ର ଶାଖା ବନୁ ମୁଲୌଃ ଅଭିମୁଖେ ୧୫ଜଣ ବ୍ୟକ୍ତିଙ୍କ ସହିତ ପ୍ରେରଣ କରିଥିଲେ । ଯେଉଁମାନେ କଦିଦ୍ ଅଞ୍ଚଳରେ ବସବାସ କରୁଥିଲେ । ଏହି ଅଭିଯାନରେ ମୁସଲମାନମାନଙ୍କ ଶ୍ଲୋଗାନ ଅମିତ୍ ଅମିତ୍ ଥିଲା । ଏହାର ସଂକ୍ଷିପ୍ତ ବିବରଣୀ ଉପସ୍ଥାପନ କରିବା ପରେ ମହାମାନ୍ୟ ହୁଜୁର ଅନଓ୍ୱର[ଅ.ବ] କହିଲେ; ଏହି ଘଟଣାଚକ୍ର ଆସନ୍ତାରେ ମଧ୍ୟ ଜାରି ରହିବ । ଏବେ ମୁଁ ପାକିସ୍ତାନ ନିବାସୀ ଅହେମଦିମାନଙ୍କ ସକାଶେ ବିଶେଷ ଦୁଆ କରିବାକୁ ଆହ୍ୱାନ ଜଣାଉଛି । ଯେପରିକି ମୁଁ ପୂର୍ବେ ଧ୍ୟାନ ଆକର୍ଷିତ କରିଥିଲି ଯେ, ଦୁରୁଦ୍ ଓ ୨୦୦ଥର ସୁବ୍‌ହା ନଲ୍ଲାହି ଓ୍ୱ ବିହମ୍‌ଦିହି ସୁବ୍‌ହା ନଲ୍ଲାହିଲ୍ ଅଜିମ୍ ଅଲ୍ଲାହୁମ୍ମା ସଲ୍ଲି ଅଲା ମୁହମ୍ମଦିନ୍ ଓ ଆଲେ ମୁହମ୍ମଦ୍ ଆବୃତ୍ତି କରିବେ । ବର୍ତ୍ତମାନ ଏଥିପ୍ରତି ଯେତେ ଅଧିକ ମନୋଯୋଗ କରି ପାରିବେ କରିବା ଉଚିତ୍ । ଯଦି ଦୁଆ କରିବା ପ୍ରତି ମନୋଯୋଗ କରିବେ ତେବେ ହିଁ ସଫଳତା ଲାଭ ହେବ । **କିନ୍ତୁ ଯେଉଭଳି ଏଥିପ୍ରତି ମନୋଯୋଗ କରି କରିବା କଥା ସେପରି (ଧ୍ୟାନ) ଦିଆଯାଉ ନାହିଁ ।** କେତେକ ଲୋକ ମୋତେ ମଧ୍ୟ ପତ୍ର ଲେଖି ଦେଉଛନ୍ତି ଯେ, କେବଳ ଦୁଆ ଯୋଗେ କିଛି ହେବ ନାହିଁ । ଆମକୁ ଆଉ କିଛି କରିବାକୁ ହେବ, ଆଉ କ'ଣ କରିବା ଉଚିତ୍ ? **ମନେରଖ ! ଆମର ଏକ ମାତ୍ର ଅସ୍ତ୍ର ହେଉଛି ଦୁଆ ।** ଏଥି ସଂକ୍ରାନ୍ତରେ ମୁଁ ଅନେକ ଥର କହିସାରିଛି ଏବଂ ହଜରତ ମସିହ ମଉଦ [ଅ.ସ]ଙ୍କ ସନ୍ଦର୍ଭ ମଧ୍ୟ ଉପସ୍ଥାପନ କରିଛି । ଏହା ଏକ ବିରାଟ ଭ୍ରମ ଧାରଣା ଯେ, ଦୁଆ ଯୋଗେ କିଛି ସୁଫଳ ମିଳିବ ନାହିଁ । ସେ ଜାହା ହେଉ ଦୁଆ ହିଁ ଆମ ସଫଳତାର ଚାବିକାଠି । ଅଲ୍ଲାଃତାଲା ଆମ ସମସ୍ତଙ୍କୁ ଏଥି ସକାଶେ ଶକ୍ତି ପ୍ରଦାନ କରନ୍ତୁ ଏବଂ ଆମେ ଦୁଆର ପ୍ରକୃତ କର୍ତ୍ତବ୍ୟ ସମ୍ପାଦନକାରୀ ସାବ୍ୟସ୍ତ ହେଉ । ଯଦି ଆମେ ଏହା ରଟନା କରିବା ଯେ, କେବଳ ଦୁଆ ଫଳରେ କିଛି (ଲାଭ) ହେବ ନାହିଁ । ତେବେ ଏହା (ଆମର) ଭୁଲ ଅଭିଯୋଗ ହେବ, ଯାହାକି ଆମେ ପରାକ୍ରମୀ ଅଲ୍ଲାଃଙ୍କ ଛାମୁରେ କରିବା । ତେଣୁ ଏଥିପାଇଁ କ୍ଷମା ଯାଚନା କରିବା ଉଚିତ୍ । ଆଜି କରାଚୀରେ ମଧ୍ୟ ଏକ ଅଭାବନୀୟ ଘଟଣା ଘଟିଛି । ବଲଓାଇ ଦଳ ଯେ ବାସ୍ତବରେ ଏକ ଆତଙ୍କବାଦୀ ଗୋଷ୍ଠୀ, ଆମ ମସଜିଦ୍ ଉପରେ ଆକ୍ରମଣ କରି ଜଣେ ଅହେମଦିକୁ ଶହିଦ୍ କରିଦେଲେ । ଇନ୍ନା ଲିଲ୍ଲାହି ଓ ଇନ୍ନା ଇଲୈହି ରାଜେଉନ୍ । ସେହି ଘଟଣାର ପୂର୍ଣ୍ଣ ବିବରଣୀ ତ ଏବେ ହସ୍ତଗତ ହୋଇ ନାହିଁ ଯେତେବେଳେ ହସ୍ତଗତ ହେବ ତାହା ବର୍ଣ୍ଣନା କରିଦେବି । ଇନ୍‌ଶାଅଲ୍ଲାଃ । ଅଲ୍ଲାଃତାଲା ସେହି ଅତ୍ୟାଚାରୀମାନଙ୍କର ଶୀଘ୍ର ଧରପଗଡ କରନ୍ତୁ । ଆମିନ୍ ।

---

ଅଲ୍‌ହମ୍‌ଦୁ ଲିଲ୍ଲାହି ନହ୍‌ମଦୁହୁ ଓ୍ୱ ନସ୍‌ତଇନୁହୁ ଓନସ୍‌ତଗ୍‌ଫିରୁହୁ ଓନୁମିନୁ ବିହି ଓନତଓକ୍‌କଲୁ ଅଲୈହି ଓ ନଉଜୁବିଲ୍ଲା ମିନ୍ ଶୁରୁରେ ଅନ୍‌ଫୁସିନା ଓ ମିନ୍ ସଇୟାତି ଆମାଲିନା ମଇଁ ୟହ୍‌ଦିହିଲ୍ଲା ଫଲାମୁଜିଲ୍ଲା ଲହୁ ଓମଇଁ ୟୁଜ୍‌ଲିଲ୍‌ହୁ ଫଲା ହାଦିୟା ଲହୁ ଓନଶ୍‌ହଦୁ ଅଲ୍‌ଲା ଇଲାହା ଇଲ୍‌ଲ୍ଲାହୁ ଓ୍ୱନଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ଓ୍ୱରସୁଲୁହୁ । ଇବାଦଲ୍ଲାହି ରହ୍‌ମକୁମୁଲ୍ଲାହା ଇନ୍ନଲ୍‌ଲାହା ୟାମୁରୁବିଲ୍ ଅଦ୍‌ଲେ ଓ୍ୱଲ୍ ଇହ୍‌ସାନି ଓ୍ୱଇତାଇଜିଲ କୁର୍‌ବା ଓ୍ୱୟନ୍‌ହା ଅନିଲ୍ ଫହ୍‌ଶାଇ ଓ୍ୱଲ୍ ମୁନ୍‌କରି ଓ୍ୱଲ୍ ବଗ୍‌ଇ ୟଇଜୁକୁମ୍ ଲଅଲ୍‌ଲକୁମ୍ ତଜକ୍ କରୁନ୍ ଉୟ୍‌କୁରୁଲ୍ଲାହା ୟୟ୍‌କୁରୁକୁମ୍ ଓଦ୍‌ଉହୁ ୟସ୍‌ତଜିବ୍ ଲକୁମ୍ ଓଲୟିକ୍‌ରୁଲ୍ଲାହି ଅକ୍‌ବର୍ ।

✲✲✲ ✲✲✲ ✲✲✲ ✲✲✲

Khulasa Khutba Juma Huzoor Anwar a.b.a

18th April 2025

*Translated to Odia by :* Moulavi Anwar Ahmad Khan